ବିରହ ବେଦନା

# ଏକ ନୀରବ ଭାଷାର ସଜଳ ଅନୁଭବ

■ ପ୍ରଫେସର ସରୋଜିନୀ ଷଡ଼ଙ୍ଗୀ
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଲିଙ୍କ୍‌ରୋଡ୍, କଟକ ।

ମନୁଷ୍ୟ ମାନଙ୍କର ଜୀବନ ଯେମିତି ସୁଖ, ଦୁଃଖ, ଆଶା, ନିରାଶା, କ୍ଲେଶ ଓ ଆନନ୍ଦରେ ପରିପୂର୍ଣ୍ଣ ହୋଇଥାଏ, ଜନ୍ମର ଆଦ୍ୟ ମୁହୂର୍ତ୍ତରୁ ମୃତ୍ୟୁର ଅନ୍ତିମ ଲଗ୍ନ ଯାଏଁ । ଯେପରି ତାର ସୁନ୍ଦର ସ୍ୱର ନିନାଦିତ ହୋଇଥାଏ, ଆଦିଅନ୍ତ ବିସ୍ତାରୀ ସମୁଦ୍ର ଠାରୁ ଅପହଞ୍ଚ ଦିଗ୍‌ବଳୟ ଯାଏଁ ଏବଂ ଦିଗ୍‌ବଳୟର ଅଛିଣ୍ଡାଗାରଠାରୁ ଅନ୍ତରୀକ୍ଷର ବିଶାଳ ଗର୍ଭଯାଏଁ- ଠିକ୍ ସେହିପରି ଅରଣ୍ୟର ମଧ୍ୟ ଏକ ନିଜସ୍ୱ ସ୍ୱର ଥାଏ, ଯାହା ଝଂକୃତ ହୋଇଥାଏ । ସଜୀବ ହୋଇଥାଏ ଗଛଲତା, ଗୁଳ୍ମଙ୍କର ନୀରବ ନିଶ୍ୱାସରେ । ପଶୁମାନଙ୍କର କୁହାଟରେ ଏକ ନୀରବ ଭାଷା ଥାଏ, ନୀରବ ଭାବ ଥାଏ ଯାହା କେବଳ ଗଭୀର ଅନୁଭବ ଦ୍ୱାରା ବୁଝିହୁଏ । ବେଳେ ବେଳେ ସେମାନେ ଭାବରେ, ଭାଷାରେ, ଇଂଗିତରେ ତଥା ଅନ୍ତରଂଗତରେ ମଣିଷ ଠାରୁ ମଧ୍ୟ ବେଶୀ ଭାବପ୍ରବଣ ହୋଇ ଉଠନ୍ତି, ମଣିଷ ଠାରୁ ବେଶୀ ସମ୍ବେଦନଶୀଳ ହୋଇ ପଡନ୍ତି ଏବଂ ମଣିଷ ଠାରୁ ବେଶୀ ସ୍ନେହୀ ହୋଇ ପଡ଼ନ୍ତି, ଯାହା ବେଳେ ବେଳେ ନିର୍ଦ୍ଦୟ ମଣିଷଟିକୁ ବୁଝିବା ପାଇଁ କଷ୍ଟକର ହୋଇପଡ଼େ ।

ଗୃହପାଳିତ ପଶୁକଥା କହିଲେ ପ୍ରଥମେ ମନକୁ ଆସେ "ଗୋ ମାତା" । ପୁରାଣରେ "କାମଧେନୁ ଗାଭୀ" ବହୁ ଚର୍ଚ୍ଚିତ । ମନଇଚ୍ଛା କ୍ଷୀର ଦାନ କରେ ସେ । କାମଧେନୁ ଇଚ୍ଛା କଲେ ଏସାରା ପୃଥିବୀକୁ ମଧ୍ୟ କ୍ଷୀର ସାଗରରେ ଭସାଇ ଦେଇ ପାରେ । ଆମ ଗୁହାଳରେ ଥିବା ଗାଈର ଯତ୍ନ ଆମେ କେତେ ନେଉଛେ ? ଗୋମାତାର ସେବା କେତେ କରୁଛେ ? ଅଥଚ ତାହା ପହ୍ନାରେ ଶେଷ ବିନ୍ଦୁ କ୍ଷୀର ଥିବାଯାଏ ଆମେ ତାକୁ ଦୁହୁଁଛେ । ବାଛୁରୀ ପାଇଁ ନଛାଡ଼ି, ଦୁଧ, ଦହି, ଛେନା, ରସଗୋଲା ଆଦି ବିଭିନ୍ନ ଦୁଗ୍ଧଜାତ ପଦାର୍ଥ ତିଆରି କରୁଛେ- କୁହନ୍ତୁତ ରୋମନ୍ଥନ କରି ଖାଦ୍ୟ ଖାଇଲା ବେଳେ କେତେ ଥର ଆମେ ତା ପାଇଁ ଦାନା ଗୋଳାଇ ଦେଇଛେ, ପାଣି ପିଆଇ ଦେଇଛେ ? ଥରଟିଏ ପାଖରେ ବସି ଖୁଆଇ ଦେଲେ ଲକ୍ଷ୍ୟକରିଛନ୍ତି କେବେ ଗୋ ମାତାର ଆଖି ଦୁଇଟିକୁ ? ସଜଳ ଅଥଚ ଅପଲକ ନେତ୍ରରେ ସେ ଚାହିଁ ରହେ ଏବଂ ଅନୁଭବ ନିଏ ମନୁଷ୍ୟର ସେ ହାତ ଆଉଁସା ଭିତରେ ଭରିରହିଥିବା ସ୍ନେହକୁ ।

ଆଉ ଗୋଟିଏ ଗୃହପାଳିତ ପଶୁକଥା ବିଚାରକୁ ନେଲେ ତା'ପର ତାଲିକାରେ ଆସିବ କୁକୁର । ତାହାଠାରୁ ବଳି ବିଶ୍ୱସ୍ତ ପଶୁ ବୋଧେ ସାରା ସଂସାରରେ ଆଉ କେହି ନାହାନ୍ତି । ନିଜ ମୁନିବ ପାଇଁ ପ୍ରାଣ ବଳି ଦେବାକୁ ସେ ପ୍ରସ୍ତୁତ । ଘର ଜଗିବା ଠାରୁ ଆରମ୍ଭ କରି ସାରା ପରିବାରର ରକ୍ଷଣାବେକ୍ଷଣ ଭାର ସେ ମୁଣ୍ଡକୁ ନେଇଯାଇଥାଏ । ଦିନ ଦିନ ଧରି ରାତାରାତି ଧରି ସେ ଶୁଏନାହିଁ । ଟିକିଏ ଶବ୍ଦରେ ସେ ତତ୍‌କ୍ଷଣାତ୍ ଉଠି ବସେ, ଠିଆ ହୋଇପଡ଼େ ଏବଂ ସମସ୍ତଙ୍କୁ ଘଣ୍ଟି ବଜାଇ ଭୁକିବା ମାଧ୍ୟମରେ ସତର୍କ କରିଦିଏ । ମୋଟ ଉପରେ ତାହାର ମୁନିବକୁ ସେ ସମସ୍ତ ପ୍ରକାର ବିପଦରୁ ରକ୍ଷାକରେ । ମୁନିବର ଦେହଖରାପ ହେଲେ ସେଦିନ ଦିନ ଧରି ନଖାଇ ନପିଇ ଖଟ ପାଖରେ ଜଗିବସେ- ମୁନିବଙ୍କର ଫେରିବାରେ ଡ଼େରି ହେଲେ କବାଟ ପାଖର ଦୁଆର ମୁହଁରେ ଜଗିବସେ ରାସ୍ତାକୁ ଚାହିଁ । ଏଭଳି ପ୍ରଭୁଭକ୍ତ ପଶୁଟି ପାଇଁ ଆମେ କେତେ ଯତ୍ନବାନ ହୋଇଛେ ? କେତେ ଥର ତା ପିଠି ଆଉଁସି ଖୁଆଇ ଦେଇଛେ ? ନିଜ ହାତରେ ସାବୁନ ଲଗାଇ ଗାଧୋଇ ଦେଇଛେ ଏବଂ ଦେହପା ଖରାପ ହେଲେ ତା'ର ଯତ୍ନ ନେଇଛେ ? ସମୟର ସ୍ୱଚ୍ଛତା ଦୃଷ୍ଟିରୁ ଆମର ପ୍ରଭୁଭକ୍ତ ପଶୁଟି ପ୍ରତି କିଛି କର୍ତ୍ତବ୍ୟ ନାହିଁ । ଅଥଚ ସେ ତା'ର ସମସ୍ତ ଜୀବନ ଓ ସମସ୍ତ ଆୟୁଷ ଆମପାଇଁ ଉତ୍ସର୍ଗ କରିଦିଏ ।

ବଡ଼ ବଡ଼ ସହରରେ ଏପରି ରେଷ୍ଟୋରାଁ ଅଛି ଯେଉଁଠି ବିରାଟ ପୋଷ୍ଟର ମରାଯାଇଛି । ଏଠି ଜୀଅନ୍ତା ମାଛର ବ୍ୟଞ୍ଜନ ମିଳେ । କୌତୂହଳ ଦମନ ନ କରି ସେଠି ଟିକିଏ ଆଖି ପକାଇବାକୁ ଇଚ୍ଛା ହେଲା ଏବଂ ଭିତରର ଦୃଶ୍ୟ ଦେଖିଲା ପରେ ଲାଗିଲା ଯେପରି ନିଃଶ୍ୱାସ ବନ୍ଦ ହୋଇ ଯିବ । ନଦୀରୁ ଧରା ହୋଇଥିବା ଜୀଅନ୍ତା ମାଛ କଡ଼େଇରେ ଫୁଟୁଥିବା ଟକମକ ଗରମ ତେଲରେ ପକାଯାଉଛି ଏବଂ ଗ୍ରାହକ ମାନେ ଲୋଲୁପ ଦୃଷ୍ଟିରେ ଚାହିଁ ରହିଛନ୍ତି । ମାଛ ଭଜା ଖାଇବାକୁ ଜୀଅନ୍ତା ମାଛ ଗରମ କରେଇରେ ପକାଇ ଭାଜିବା ମନୁଷ୍ୟର ଏକ ହିଂସ୍ର ମନୋଭାବର ପରିଚୟ ଦିଏ । ସେଠି ସେଇ ଅଦୃଶ୍ୟ ମନର ପରିଚୟ ମିଳେ, ଯେଉଁଠି ଅନ୍ୟକୁ ଦୁଃଖ କଷ୍ଟରେ ମୃତ୍ୟୁବରଣ କରୁଥିବାର ଦେଖିଲେ ସେମାନେ ଆନନ୍ଦିତ ହୁଅନ୍ତି । କୁକୁଡ଼ା ମାଂସ କଥା ଭାବନ୍ତୁ- ଅନେକଙ୍କର ନିଜ ଘରେ ମଧ୍ୟ ବେକମୋଡ଼ି ମାରିବା ବା ବେକ କାଟିବାର ଅଭ୍ୟାସ ଅଛି । ଅନେକ ମଧ୍ୟ ପକ୍ଷୀଶିକାର

କରିବାକୁ ଭଲ ପାଆନ୍ତି, ଉଡ଼ିଯାଉଥିବା ପକ୍ଷୀକୁ ମାରି (ହରଡ଼ ପକ୍ଷୀ) ମାଂସ ଖାଆନ୍ତି ।

ଛେଳି ଓ ମେଣ୍ଢା ପାଇଁ ନିର୍ଦ୍ଦୟତାର ତ ସୀମା ନାହିଁ । ମାଂସ ଦୋକାନରେ ଲମ୍ବାଧାଡ଼ି ଲାଗିଥିବା ବେଳେ କେହି ହାତ ମୁହଁକୁ ଯାଉଥିବା ଛେଳିଟିର କଥା ଭାବନ୍ତିକି ? ସେ କଥା କହିପାରେ ନାହିଁ । ତାର ଭାବନାକୁ ଓ ଅନୁଭବକୁ ପ୍ରକାଶ କରି ପାରେ ନାହିଁ କେବଳ ଦୁଇଧାର ଲୁହ ଓ ଚିତ୍କାର ଛଡ଼ା ଆଉ କିଛି କରିବାର ଶକ୍ତିନଥାଏ ତା' ପାଖରେ ।

ଠିକ୍ ସେହିଭଳି ମୃଗ ଶିକାର - ତେବେ ମୃଗ ବିଶେଷ କରି ବିରଳ କୃଷ୍ଣସାର ମୃଗର ଶିକାର ପାଇଁ ସରକାର ନିଷେଧାଜ୍ଞା ଜାରି କରିଛନ୍ତି । ତଥାପି କେତେ ପଶୁପକ୍ଷୀ ଏଭଳି ଅଭୟାରଣ୍ୟରେ ବୁଲିବା ପାଇଁ ସ୍ୱାଧିନତା ପାଇଥାନ୍ତି ? ଅଧିକାଂଶ ପଶୁ ପକ୍ଷୀ ଆମର ଉପକାର କରିଥାନ୍ତି । ଜୀବନ ତ ସମସ୍ତଙ୍କ ଦେହରେ ଅଛି । ପ୍ରଭୃତ ମଣିଷ, ପଶୁପକ୍ଷୀ, କୀଟ ପତଙ୍ଗ ସମସ୍ତଙ୍କ ପ୍ରାଣରେ ବିରାଜମାନ କରୁଛନ୍ତି । ମଣିଷ ଦେହରେ ଜୀବନ ଯେମିତି ,ଛାର ପିମ୍ପୁଡ଼ି ଦେହରେ ଜୀବନ ସେମିତି । ମଣିଷ ଯେମିତି ତାର ଅନ୍ନ ସଂସ୍ଥାନ ପାଇଁ ଜୀବନ ସ୍ରୋତରେ ଧାବମାନ ହେଉଛି- ପିମ୍ପୁଡ଼ି, କୀଟ ପତଙ୍ଗ ମଧ୍ୟ କଣିକାଏ ଖୁଦ ପାଇଁ ଚଞ୍ଚଳ ଗତିରେ ଚାଲୁଛନ୍ତି । ଠାକୁର ହିଁ ଅଗଣିତ ମୁହଁରେ ଖାଇଥାନ୍ତି, ଠାକୁର ହିଁ ଅଗଣିତ ଜୀବଦେହରେ ଜୀବନ ସଞ୍ଚାର କରିଥାନ୍ତି । ତେଣୁ ସେମାନଙ୍କୁ ସର୍ବାତୋଃକରଣରେ ସାହାଯ୍ୟ କରିବା, ବଞ୍ଚାଇ ରଖିବା ତଥା ଜୀବନ ସ୍ରୋତରେ ଧାବମାନ ହେବାରେ ଏକ ଅଭୟକବଚ ସ୍ୱରୂପ ଅଭୟ ପ୍ରଦାନ କରିବା ଆମର ସର୍ବଶ୍ରେଷ୍ଠ ଧର୍ମ ।

❖ ❖ ❖

**ପ୍ରାଣୀ ବିଚିତ୍ରା**

## ଜୀବମାନଙ୍କ ପ୍ରତି ନିଷ୍ଠୁରତା ପରିବର୍ତ୍ତେ ଦୟା ପ୍ରଦର୍ଶନ ପାଇଁ ନିବେଦନ

କଟକସଦର, ତା ୧/୯/(ନି.ପ୍ର.) ରାଜ୍ୟର ମୁଖ୍ୟ ସହର ମାନଙ୍କରେ ବୁଲା ଷଣ୍ଢ ଓ କୁକୁର ମାନଙ୍କର ଦୌରାତ୍ମ୍ୟ ଏବଂ ସେଥିଯୋଗୁଁ ସମସ୍ତ ସାଧାରଣ ଜନତା ଅସୁବିଧା ଭୋଗୁଥିବା ଅଭିଯୋଗ ଭିତ୍ତିହୀନ ଓ ସେପରି ଗୁରୁତର ନୁହେଁ ବୋଲି ରାଜ୍ୟ ଜୀବ ନିଷ୍ଠୁରତା ନିବାରଣ ସମିତି ପକ୍ଷରୁ କୁହାଯାଇଛି ।

ରାସ୍ତାରେ ବୁଲୁଥିବା ଷଣ୍ଢ ଓ କୁକୁର ମାନେ ରାସ୍ତା ଅବରୋଧ କରୁଥିବା ଓ ଜନସାଧାରଣଙ୍କୁ ଆକ୍ରମଣ କରୁଥିବା ଖବର ଯେପରି ଅତିରଞ୍ଜିତ କରାଯାଇଛି, ତାହାକୁ ଖଣ୍ଡନ କରି ସମିତିର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ ଆଇ.ପି.ଏସ. ଅଫିସର ବଂଶୀଧର ରାଉତ କହିଛନ୍ତି ଯେ ଜୀବମାନଙ୍କ ପ୍ରତି ନିଷ୍ଠୁରତା ପରିବର୍ତ୍ତେ ଦୟା ପ୍ରଦର୍ଶନ କରାଯିବା ଉଚିତ । କଟକ ମହାନଗରନିଗମ କର୍ତ୍ତୃପକ୍ଷ ଶତାଧିକ ବୁଲାଷଣ୍ଢକୁ ଧରି ନିର୍ଦ୍ଦୟ ଭାବରେ ଜାତୀୟ ରାଜପଥରେ ଛାଡ଼ି ଦେଉଛନ୍ତି । ଅସହାୟ ଅବସ୍ଥାରେ ପଡି ରହୁଥିବା ଏହି ଷଣ୍ଢମାନଙ୍କ ମଧ୍ୟରୁ ଅନେକ ଦୁର୍ଘଟଣାରେ ମୃତ୍ୟୁବରଣ କଲେଣି ଯାହାକି ସେମାନଙ୍କ ପ୍ରତି ଅତି ନିଷ୍ଠୁରତା ପ୍ରଦର୍ଶନ ଅଟେ । ଯଦି ସେମାନେ ରାସ୍ତା ଅବରୋଧ କରୁଛନ୍ତି, ତେବେ ସେମାନଙ୍କୁ ଧରି ଗୋଶାଳାରେ ଛଡ଼ାଯାଇପାରିବ । ଏହା ନକରି ସେମାନଙ୍କ ପ୍ରତି କରାଯାଉଥିବା ନିଷ୍ଠୁରତାରେ 'ପ୍ରିଭେନସନ ଅଫ୍ କ୍ରୁଏଲଟି ଟୁ ଆନିମଲ ଆକ୍ଟ'ରେ ମୋକଦ୍ଦମା ରୁଜୁ କରାଯାଇ ପାରିବ ।

ଗତ କିଛିମାସ ହେଲା ଭୁବନେଶ୍ୱର ସହରରେ ସଂଖ୍ୟାଧିକ ବୁଲା ଷଣ୍ଢ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇ ରାସ୍ତା ପାର୍ଶ୍ୱରେ କଷ୍ଟ ପାଉଥିବା ଦେଖାଯାଉଛି । କଷ୍ଟ ପାଉଥିବା ଏହି ଜୀବମାନଙ୍କ ଚିକିତ୍ସା ପାଇଁ ସରକାରୀ ପଦକ୍ଷେପ ନାହିଁ । ପିପୁଲ ଫର୍ ଆନିମଲ ସଂସ୍ଥା ଖବର ପାଇ ଅଳ୍ପ କେତେକ ବୁଲା ଷଣ୍ଢକୁ ଚିକିତ୍ସା କରିଛନ୍ତି । କୁକୁରମାନଙ୍କ ଏହା ଏକ ଋତୁକାଳୀନ ସମୟ । ସେଥିପାଇଁ ସେମାନେ ଦଳଦଳ ହୋଇ ବୁଲୁଥିବା ବେଳେ ସେମାନଙ୍କ ଉପରକୁ ଟେକାପଥର ଫୋପଡ଼ା ଯାଉଥିବାରୁ ସେମାନେ ବିରକ୍ତ ହୋଇ ଗୋଡ଼ାଗୋଡ଼ି କରୁଥାଇପାରନ୍ତି । ବୁଲା ଷଣ୍ଢ ଓ କୁକୁରମାନଙ୍କ ଦୌରାତ୍ମ୍ୟ ଏବଂ ସେଥିରେ ଆହାତ ସଂଖ୍ୟା ଯେପରି ଭାବରେ କୁହାଯାଉଛି, ତାହା ସଂପୂର୍ଣ୍ଣ ମନଗଢ଼ା କଥା ଓ ଦାୟିତ୍ୱହୀନତାର ପରିଚୟ ଅଟେ ।

(ସମାଜ - ୦୨.୦୯.୦୬)

❖ ❖ ❖

